# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 November - 2024**

**News Editor : *Itishree Singh Rathaur***

*********************************

## <u>ମୁଖ୍ୟ ସମ୍ବାଦ</u>

- ସମ୍ବିଧାନ ବର୍ତ୍ତମାନ ଓ ଭବିଷ୍ୟତର ମାର୍ଗଦର୍ଶନ ଦେଇଥାଏ କହିଲେ ପ୍ରଧାନମନ୍ତ୍ରୀ : ସୁପ୍ରିମକୋର୍ଟରେ ସମ୍ବିଧାନ ଦିବସ ସମାରୋହରେ ଦେଲେ ଯୋଗଦାନ ।

- ବିଧାନସଭାରେ ୧୨ ହଜାର ୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ ।

  - ବଜେଟ୍‌ରେ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୨୦ କୋଟି, ସୁଭଦ୍ରା ଯୋଜନା ପାଇଁ ୧ ହଜାର ୧୯୬ କୋଟି ଟଙ୍କାର ବ୍ୟୟବରାଦ ।

- ରାଜ୍ୟରେ ହାତୀଙ୍କ ସୁରକ୍ଷା ଲାଗି କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବା ପାଇଁ ପିସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ ।

ଏବଂ

- ଓଡ଼ିଶାର ଗୋଟିଏ ରାଜ୍ୟସଭା ଆସନ ପାଇଁ ଆସନ୍ତା ୨୦ ତାରିଖରେ ଭୋଟଗ୍ରହଣ ।

*Desk*

# ସମ୍ବିଧାନ ଦିବସ-୧

ଦେଶ ଆଜି ସମ୍ବିଧାନ ଦିବସ ପାଳନ କରୁଛି। ଭାରତୀୟ ସମ୍ବିଧାନ ଗ୍ରହଣ ଏବଂ ପ୍ରଣୟନର ୭୫ ବର୍ଷ ଉପଲକ୍ଷେ ଆଜିଠାରୁ ଦେଶରେ ଏକବର୍ଷ ବ୍ୟାପି ଉତ୍ସବ ପାଳନ କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନ ସଭା, ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ଏହା ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ କାର୍ଯ୍ୟକାରୀ ହୋଇଥିଲା। ସମ୍ବିଧାନ ଡ୍ରାଫ୍ଟିଙ୍ଗ୍ କମିଟିର ଅଧ୍ୟକ୍ଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଏହି ଦିବସ ପାଳନ କରିବାକୁ ୨୦୧୫ ମସିହାରେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଏହି ଐତିହାସିକ ଦସ୍ତାବିଜ ପ୍ରସ୍ତୁତ କରିବା ଲାଗି ସମ୍ବିଧାନ ସଭାକୁ ୨ବର୍ଷ ୧୧ ମାସ ୧୭ ଦିନ ସମୟ ଲାଗିଥିଲା।

ଭାରତ ଆଜି ପରିବର୍ତ୍ତନର ଯୁଗ ଦେଖୁଛି। ଏଥିପାଇଁ ସମ୍ବିଧାନ ବର୍ତ୍ତମାନ ଓ ଭବିଷ୍ୟତର ମାର୍ଗଦର୍ଶନ ଦେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସୁପ୍ରିମକୋର୍ଟରେ ଆଜି ଅନୁଷ୍ଠିତ ସମ୍ବିଧାନ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ କହିଛନ୍ତି ସମ୍ବିଧାନ ପ୍ରଣୟନ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ପୂର୍ବରୁ ଜାଣିଥିଲେ, ସମୟ ସହିତ ଭାରତ ଆକାଂକ୍ଷା ଓ ସ୍ୱପ୍ନର ନୂଆ ଶିଖରକୁ ପହଞ୍ଚିବ। ସେଥିପାଇଁ ସମ୍ବିଧାନରେ ସମୟ

ସମୟରେ ପରିବର୍ତ୍ତନର ପରିସରକୁ ସେମାନେ ବ୍ୟାପକ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ପ୍ରତ୍ୟେକ ଭାରତୀୟ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ରଖିଛି। ଏ ଦିଗରେ ସମ୍ବିଧାନ ନୂତନ ଦିଗନ୍ତ ପ୍ରଦାନ କରୁଛି। ସମ୍ବିଧାନ ପ୍ରଣୟନର ୭୫ ବର୍ଷରେ ପଦାର୍ପଣ କରିଛି। ଏହା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O –**

***Desk***

## ସମ୍ବିଧାନ ଦିବସ – ୨

ସମ୍ବିଧାନର ମୂଲ୍ୟବୋଧ ପ୍ରତି ସଚେତନ ରହି ନିଜର ମୌଳିକ କର୍ତ୍ତବ୍ୟକୁ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ବିଧାନ ହେଉଛି ଆମ ସ୍ୱାଧୀନ ଭାରତର ପୁଣ୍ୟ ଗ୍ରନ୍ଥ। ସମ୍ବିଧାନ ଚିଠା ପ୍ରସ୍ତୁତ କମିଟିର ଅଧ୍ୟକ୍ଷ ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଭୁବନେଶ୍ୱର ଏଜି ଛକରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବିଧାନର ମୁଖବନ୍ଧକୁ ପାଠ କରାଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏଜି ଛକ ଠାରୁ କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ପ୍ରାୟ ଏକ ହଜାରରୁ ଅଧିକ ଲୋକ ଏକ ପଦଯାତ୍ରାରେ ସାମିଲ ହୋଇଥିଲେ।

***BBSR***

## ବିଧାନସଭା-୧

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୨ ହଜାର ୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ବଜେଟରେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ପାଇଁ ୧୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ପାଇଁ ୯୨ କୋଟି, ସିଏପିଏଫ୍ ମୃତୟନ ପାଇଁ ୨୯୯ କୋଟି, ୨୨ଟି ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୩୦ କୋଟି, ଶ୍ରୀମନ୍ଦିର ପରିକ୍ରମାର ବିସ୍ତୃତ ବିକାଶ ପାଇଁ ୨୬ କୋଟି, ଅଗ୍ନିଶମ ସେବାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ୬୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ସେହିଭଳି ପ୍ରଶାସନିକ ବ୍ୟୟ ପାଇଁ ୧ ହଜାର ୬୮୫ କୋଟି ଟଙ୍କାର ବରାଦ କରାଯାଇଛି। ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୨୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। କୃଷକ କଲ୍ୟାଣ ଓ ଖାଦ୍ୟ ନିରାପତ୍ତା ପାଇଁ ମଧ୍ୟ ବଜେଟରେ ବ୍ୟୟ ଅଟକଳ ହୋଇଛି। ରାଷ୍ଟ୍ରୀୟ ପଶୁଧନ ବିକାଶ ଯୋଜନା ଅଧିନରେ ଶ୍ୱେତବିପ୍ଳବ ପାଇଁ ୯୧ କୋଟି, ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ପାଇଁ ୮୦ କୋଟି, ବନ୍ୟା ନିୟନ୍ତ୍ରଣ ଓ ଡ୍ରେନେଜ୍ ପାଇଁ ୬୬ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ମଧୁବାବୁ ପେନସନ୍ ଯୋଜନାରେ ୩୩୮ କୋଟି, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ପାଇଁ ୬୪୪ କୋଟି, ସୁଭଦ୍ରା ଯୋଜନା ପାଇଁ ୧୧୯୬ କୋଟି, ପ୍ରାକ୍ ମେଟ୍ରିକ୍ ଛାତ୍ରବୃତ୍ତି ପାଇଁ ୧୧୨ କୋଟି,

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୫୦ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦ କୋଟି ଓ ପିଏମ୍‌ଶ୍ରୀ ବିଦ୍ୟାଳୟ ପାଇଁ ୧୨୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ବନୀକରଣ ପାଣ୍ଠି କ୍ଷତିପୂରଣ ପାଇଁ ୧୨୦ କୋଟି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ୨୭୦ କୋଟି, ସହରାଞ୍ଚଳରେ ଆବର୍ଜନା ପରିଚାଳନା ପାଇଁ ୧୪୮ କୋଟି, ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ୫୯୨ କୋଟି, ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଯୋଜନା ପାଇଁ ୧୦୦ କୋଟି, ଆଇଟି ପାର୍କ ଓ ଟାୱାରର ବିକାଶ ପାଇଁ ୨୧୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ବଜେଟ ଉପସ୍ଥାପନ ପରେ ବାଚସ୍ପତି ଗୃହକୁ ଆସନ୍ତାକାଲି ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

***BBSR***

## ବିଧାନସଭା-୩

ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ୭୦୯ଟି ହାତୀର ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ଗୃହରେ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ବିଦ୍ୟୁତ୍ ଆଘାତରେ ୧୨୬ଟି ହାତୀର ମୃତ୍ୟୁ ହୋଇଥିବାବେଳେ ପ୍ରାକୃତିକ କାରଣ ପାଇଁ ୨୧୬ ହାତୀଙ୍କ ମୃତ୍ୟୁ ହୋଇଛି।

***Cuttack***

# ହାତୀସୁରକ୍ଷା ଲାଗି କାର୍ଯ୍ୟପନ୍ଥା

ରାଜ୍ୟରେ ହାତୀମାନଙ୍କ ସୁରକ୍ଷା ଲାଗି ତୁରନ୍ତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବା ନେଇ ଆଜି ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍)ଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନିକଟରେ ସମ୍ବଲପୁରର ନାକଟିଦେଉଳ ରେଞ୍ଜରେ ବିଦ୍ୟୁତ୍ ଆଘାତ ଯୋଗୁଁ ଗୋଟିଏ ଦିନରେ ୩ଟି ହାତୀ ମୃତ୍ୟୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ନିଜଆଡୁ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପିସିସିଏଫ୍ ଆଜି ଏ ସଂକ୍ରାନ୍ତରେ ଏକ ସତ୍ୟପାଠ ଦାଖଲ କରି ୨୦୨୧ରୁ ଚଳିତ ବର୍ଷ ନଭେମ୍ବର ମାସ ସୁଦ୍ଧା କେବଳ ବିଦ୍ୟୁତ୍ ଆଘାତରେ ରାଜ୍ୟରେ ୮୫ଟି ହାତୀ ପ୍ରାଣ ହରାଇଥିବା ଦର୍ଶାଇଥିଲେ । ଏ ପ୍ରସଙ୍ଗକୁ ଗୁରୁତର ସହ ନେଇ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ସହ ଆଲୋଚନା କରି ୧୦ ଦିନ ମଧ୍ୟରେ ହାତୀମାନଙ୍କ ସୁରକ୍ଷା ଲାଗି ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ହାଇକୋର୍ଟ ଆଜି ପିସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨ ସପ୍ତାହ ମଧ୍ୟରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

***Desk***

## ରାଜ୍ୟସଭା ଆସନ

ଓଡ଼ିଶାର ଏକମାତ୍ର ଖାଲିପଡ଼ିଥିବା ରାଜ୍ୟସଭା ଆସନ ଲାଗି ଆସନ୍ତା ମାସ ୨୦ ତାରିଖରେ ଭୋଟ ଗ୍ରହଣ ହେବ । ଭାରତର ନିର୍ବାଚନ କମିଶନଙ୍କ ସୂଚନାନୁସାରେ ଆସନ୍ତା ୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ୧୦ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିନ ରଖାଯାଇଛି । ସୂଚନାଯୋଗ୍ୟ ବିଜେଡ଼ି ସାଂସଦ ସୁଜିତ କୁମାର ତାଙ୍କର ରାଜ୍ୟସଭା ପଦରୁ ଇସ୍ତଫା ଦେବାପରେ ଏହି ଆସନ ପାଇଁ ନିର୍ବାଚନ କରାଯାଉଛି ।

ଓଡ଼ିଶା ସମେତ ୪ଟି ରାଜ୍ୟର ୬ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ହେବ ।

***BBSR***

## ଦୁଗ୍ଧ ଉତ୍ପାଦନ ବୃଦ୍ଧି

ରାଜ୍ୟରେ ଆଗାମୀ ୫ ବର୍ଷରେ ଦୁଗ୍ଧ ଉତ୍ପାଦନ ଦୁଇଗୁଣ ବୃଦ୍ଧି ପାଇବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଭୁବନେଶ୍ୱରର ଓୟୁଏଟି ଭେଟେନାରୀ କଲେଜ ସଭାଗୃହରେ ବିଭାଗ ପକ୍ଷରୁ ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ମନ୍ତ୍ରୀ କହିଛନ୍ତି ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ଅଧିକ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଦୁଗ୍ଧ ଉତ୍ପାଦନ ସହିତ ଚାଷୀ ଓ ମହିଳାମାନଙ୍କର ବିକାଶ ଜଡ଼ିତ ରହିଛି। ରାଜ୍ୟରେ ଦୈନିକ ପ୍ରାୟ ୭୨ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦିତ ହେଉଛି। ସରକାର ଗୋପାଳନକୁ ପ୍ରାଧାନ୍ୟ ଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ଗାଈ ଓ ମଇଁଷି ପାଳନ ପାଇଁ ଏହି ଯୋଜନାରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

***Ctc, Nayagarh, Boudh, Ganjam, Rayagada***

## ଜିଲ୍ଲା–ସମ୍ବିଧାନ ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ସମ୍ବିଧାନ ଦିବସ ପାଳିତ ହୋଇଛି। କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱାର୍ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଭାରତର ପ୍ରଭୁତା, ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଶପଥପାଠ କରାଇଥିଲେ।

ନୟାଗଡ଼ ଜିଲ୍ଲା ଲାଠିପଡ଼ା ସ୍ଥିତ ମଡେଲ ଡିଗ୍ରୀ କଲେଜରେ ସମ୍ବିଧାନ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଛାତ୍ରଛାତ୍ରୀମାନଙ୍କୁ ଭାରତୀୟ ସମ୍ବିଧାନ ଉପରେ ବିବରଣୀ ପ୍ରଦାନ କରାଯାଇଥିଲା।

ବୌଦ୍ଧ ଜିଲ୍ଲା ଜୀବନ ବିକାଶ ମାଧ୍ୟମିକ ବିଦ୍ୟାଳୟ ପରିଷଦରେ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଛି। ଆଗାମୀ ଦିନରେ ଛାତ୍ର ଓ ଯୁବସମାଜ ପଥଭ୍ରଷ୍ଟ ନ ହୋଇ ସମ୍ବିଧାନକୁ କିଭଳି ସମ୍ମାନ ଦେବେ ସେ ବିଷୟରେ ବକ୍ତାମାନେ ପରାମର୍ଶ ଦେଇଥିଲେ।

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ କଣମଣା ବାତ୍ୟା ଆଶ୍ରୟସ୍ଥଳୀରେ ବିଭିନ୍ନ କଳକାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କ ଉପସ୍ଥିତିରେ ସମ୍ବିଧାନ ଦିବସ ପାଳିତ ହେଉଛି। ଶ୍ରମିକମାନଙ୍କ ପାଇଁ ସମ୍ବିଧାନରେ ଥିବା ବିଭିନ୍ନ ଆଇନ ତଥା ମୌଳିକ ଅଧିକାର ଉପରେ ବକ୍ତାମାନେ ଏଥିରେ ଯୋଗଦେଇ ଆଲୋକପାତ କରିଥିଲେ।

ରାୟଗଡ଼ା ସିଭିଲ କୋର୍ଟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୌଳିକ କର୍ତ୍ତବ୍ୟ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

*Desk*

## ସମ୍ବିଧାନ ଦିବସ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧୀନରେ ଥିବା କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ବେତନଟୀ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଛି । ଏହି ଅବସରରେ ଏକ ସମନ୍ୱିତ ଲୋକସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

*Puri*

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମାର୍ଗଶୀର କୃଷ୍ଣ ଦ୍ୱାଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବାପରେ ଗୁପ୍ତନୀତି ଆରମ୍ଭ ହେବ । ଏହା ଏକ ଗୁପ୍ତନୀତି ହୋଇଥିବାରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ଆସନ୍ତାକାଲି ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ବନ୍ଦ ରହିବ ।